# NATIONAL NEWS BULLETIN (ODIA)

## 10th November - 2024

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି ଦୁଇଟି ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିବେ ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବି.ଜେ.ପି. ଆଜି ଘୋଷଣା କରିବ ଦଳୀୟ ଇସ୍ତାହାର ।

- ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ପଦରୁ ଆଜି ଆନୁଷ୍ଠାନିକ ଭାବେ ଅବସର ଗ୍ରହଣ କରିବେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ।

- ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ଏକ ରେଳଷ୍ଟେସନ୍‌ରେ ବୋମା ବିସ୍ଫୋରଣରେ ୨୫ ଜଣଙ୍କ ମୃତ୍ୟୁ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ଚାରିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଆଜି ଖେଳାଯିବ ଦ୍ୱିତୀୟ ମ୍ୟାଚ୍ ।

## ଝାଡ଼ଖଣ୍ଡ - କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇଛି । ଉଭୟ ଏନ୍.ଡି.ଏ. ଏବଂ ଇଣ୍ଡି ମେଣ୍ଟ ପକ୍ଷରୁ ଦଳର ଷ୍ଟାର୍ ପ୍ରଚାରକ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି । ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦୁଇଟି ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିବା ସହ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ । ଆମ ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବୋକାରୋ'ର ଚନ୍ଦନକିୟାରି ନିର୍ବାଚନ ମଣ୍ଡଳୀ ଚାନ୍ଦିପୁର ଫୁଟ୍‌ବଲ୍ ପଡ଼ିଆରେ ଅପରାହ୍ଣ ଗୋଟାରେ ପ୍ରଧାନମନ୍ତ୍ରୀ ନିର୍ବାଚନୀ ସଭାକୁ ସମ୍ବୋଧନ କରିବେ । ଦ୍ୱିତୀୟ ନିର୍ବାଚନୀ ସଭାରେ ଅପରାହ୍ଣ ୩ଟା ୧୫ରେ ଗଢ଼୍‌ୱା'ର ଏରୋଡ୍ରମ୍ ପଡ଼ିଆରେ ଯୋଗଦେବେ । ଅପରାହ୍ଣ ୫ଟା ୧୫ରେ ପ୍ରଧାନମନ୍ତ୍ରୀ ରାଞ୍ଚିରେ ରୋଡ୍ ଶୋ'ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଇଚାଗଡ଼, ଦମାର ଏବଂ ଖରସୁଆଁର ନିର୍ବାଚନୀ ସଭାରେ ସମ୍ବୋଧନ

କରିବାର କାର୍ଯ୍ୟସୂଚୀ ରହିଛି । ବି.ଜେ.ପି.ର ଝାଡ଼ଖଣ୍ଡ ନିର୍ବାଚନ ସହପ୍ରଭାରୀ ହିମନ୍ତ ବିଶ୍ୱଶର୍ମା ଚତ୍ରା ଏବଂ ଲାଟେହାରଠାରେ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ ।

ଅନ୍ୟପକ୍ଷରେ ଜେ.ଏମ୍.ଏମ୍.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଭଓ୍ୱନାଥପୁର, ତମାର ଏବଂ ଖିଜ୍ରିରେ ଏକାଧିକ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ସେହିଭଳି ଆର୍.ଜେ.ଡି.ର ବରିଷ୍ଠ ନେତା ତେଜସ୍ୱୀ ଯାଦବ ଚତ୍ରାର ହଣ୍ଟରଗଞ୍ଜଠାରେ ପ୍ରଚାର କାର୍ଯ୍ୟରେ ସାମିଲ୍ ହେବେ ।

## ମହରାଷ୍ଟ୍ର - କ୍ୟାମ୍ପେନିଂ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଦଳୀୟ ଇସ୍ତାହାର ଉନ୍ମୋଚନ କରିବେ । ଅନ୍ୟପକ୍ଷରେ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକୋଲା ଏବଂ ନାନ୍ଦେଡ୍‌ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଆଜି ଉତ୍ତର ମହାରାଷ୍ଟ୍ରର ଜଳଗାଓଁ, ବୁଲ୍‌ଦାନା ଏବଂ ଅମରାବତୀଠାରେ ନିର୍ବାଚନୀ ର୍‍ୟାଲୀକୁ ସମ୍ବୋଧନ

କରିବେ । ଆମ ମୁମ୍ବାଇ ସମ୍ବାଦଦାତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ ଓ୍ୱାର୍ଦ୍ଧାରେ ପ୍ରଚାର କରିଛନ୍ତି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ନିର୍ବାଚନୀ ର୍‍ୟାଲୀକୁ ସମ୍ବୋଧନ କରି 'ମୁଖ୍ୟମନ୍ତ୍ରୀ ମାଝୀ ଲଡ୍‌କୀ ବହିନ' ଯୋଜନା ରାଜ୍ୟରେ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଚନ୍ଦ୍ରପୁରରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ନିର୍ବାଚନୀ ସଭାରେ ମହାୟୁତି ସରକାର କ୍ଷମତାକୁ ଆସିଲେ କୃଷକଙ୍କୁ ସମ୍ପୂର୍ଣ୍ଣ ଋଣ ଛାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାଓ୍ୱାର ପୁଣେ ଏବଂ ସାଙ୍ଗଲୀ ଜିଲ୍ଲାର କେତେକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଅମରାବତୀର ତିଓ୍ୱାସାରେ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଏନ୍.ସି.ପି. (ଏସ୍.ପି.) ମୁଖ୍ୟ ଶରଦ୍ ପାଓ୍ୱାର ଏଲବଂ ଶିବସେନା ନେତା ଉଦ୍ଧବ ଠାକ୍‌ରେ ନିର୍ବାଚନୀ ସଭାଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ୍ ହୋଇଥିଲେ ।

## ସି.ଜେ.ଆଇ. - ଫେୟାରୱେଲ୍

ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ଆଜି ଆନୁଷ୍ଠାନିକ ଭାବେ ଅବସର ଗ୍ରହଣ କରିବେ ।  ଜଷ୍ଟିସ୍ ସଂଜୀବ ଖାନ୍ନା

ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଦାନ କରିଥିବା ଐତିହାସିକ ରାୟଗୁଡ଼ିକ ମଧ୍ୟରେ ଅଯୋଧ୍ୟା ଜମି ବିବାଦ, ସହମତି କ୍ରମେ ସମଲିଙ୍ଗୀ ଯୌନ ସଂପର୍କକୁ ଅପରାଧମୁକ୍ତ କରିବା ଏବଂ ଅବିବାହିତ ମହିଳାଙ୍କ ପାଇଁ ଗର୍ଭପାତ ଅଧିକାର ଆଦି ରହିଛି । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ୧ ହଜାର ୨୭୫ଟି ଖଣ୍ଡପୀଠରେ ମାମଲାଗୁଡ଼ିକର ଶୁଣାଣି କରିଛନ୍ତି ।

## କର୍ତ୍ତାରପୁର କରିଡର

ଭାରତ ଓ ପାକିସ୍ତାନ ମଧରେ ରହିଥିବା କର୍ତ୍ତାରପୁର ସାହିବ କରିଡରକୁ ଗତକାଲି ୫ ବର୍ଷ ପୂରଣ ହୋଇଛି । ପାକିସ୍ତାନର ନାରୋୱାଲ୍ ଜିଲ୍ଲାରେ ଗୁରୁଦ୍ୱାର ଶ୍ରୀକର୍ତ୍ତାରପୁର ସାହିବକୁ ଏହି କରିଡର ସଂଯୋଗ ସ୍ଥାପନ କରିଥାଏ । ସେଠାରେ ପ୍ରଥମ ଶିଖ୍‌ଗୁରୁ ଗୁରୁ ନାନାକଦେବଜୀ ତାଙ୍କ ଜୀବନର ଶେଷ ୧୮ ବର୍ଷ ବିତାଇଥିଲେ । ୨୦୧୯ ନଭେମ୍ବର ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଗୁରୁ ନାନନଦେବଜୀଙ୍କ ୫୫୦ତମ ପ୍ରକାଶ ପର୍ବ ଅବସରରେ ଗୁରୁଦାସପୁରର ଡେରାବାବା ନାନକଠାରେ ଏହି କରିଡରର ଉଦ୍‌ଘାଟନ କରିଥିଲେ । ଗତ ୫ ବର୍ଷ ମଧରେ ଲକ୍ଷାଧବକ ଶ୍ରଦ୍ଧାଳୁ ଏହି କରିଡର୍ ମାଧମରେ ପାକିସ୍ତାନରେ କର୍ତ୍ତାରପୁର ସାହିବକୁ ଯାଇଥିଲେ ।

ଶ୍ରଦ୍ଧାଳୁଙ୍କର ଅନୁରୋଧକୁ ଦୃଷ୍ଟିରେ ରଖି ଏହି କରିଡର୍ ପାଇଁ ଦୁଇ ଦେଶ ମଧ୍ୟରେ ଗତ ଅକ୍ଟୋବର ମାସରେ ଚୁକ୍ତି ପୁନଃ ସ୍ୱାକ୍ଷରିତ ହୋଇଛି ।

## ପାକ୍ ବ୍ଲାଷ୍ଟ

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ଏକ ରେଳଷ୍ଟେସନରେ ଗତକାଲି ବୋମା ବିସ୍ଫୋରଣରେ ୨୫ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ୫୦ ଜଣ ଆହତ ହୋଇଛନ୍ତି । କ୍ୱେଟା ଷ୍ଟେସନ୍‌ରୁ ଏକ ଯାତ୍ରୀବାହୀ ଟ୍ରେନ୍ ପେଷୱାର ଅଭିମୁଖେ ବାହାରୁଥିବାବେଳେ ଷ୍ଟେସନ୍‌ରେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣପାଇଁ ଆତଙ୍କବାଦୀ ସଙ୍ଗଠନ ବେଲୁଚିସ୍ତାନ ଲିବରେସନ୍ ଆର୍ମି - ବି.ଏଲ୍.ଏ. ନିଜକୁ ଦାୟୀ କରିଛି । ପ୍ରଶିକ୍ଷଣ ପାଠ୍ୟକ୍ରମ ଶେଷ କରି କ୍ୱେଟାରୁ ଫେରୁଥିବା ପାକିସ୍ତାନୀ ସାମରିକ ୟୁନିଟ୍‌କୁ ଲକ୍ଷ୍ୟ କରି ଏହି ବିସ୍ଫୋରଣ କରାଯାଇଛି ବୋଲି ବି.ଏଲ୍.ଏ. କହିଛି । ମୃତକଙ୍କ ମଧ୍ୟରେ ୧୪ ଜଣ ଯବାନ ଥିବା ପୁଲିସ୍ ସୂଚନା ଦେଇଛି । ସୂଚନାଯୋଗ୍ୟ, ସ୍ଥାନୀୟ ସମ୍ବଳ ଉପରେ ସ୍ୱାଧୀନତା ଏବଂ ନିୟନ୍ତ୍ରଣ ଦାବିରେ ବେଲୁଚିସ୍ତାନ ପ୍ରଦେଶରେ ଏଭଳି ହିଂସାତ୍ମକ କାର୍ଯ୍ୟକଳାପ ଜାରି ରହିଛି ।

## ଇସ୍ରାଏଲ୍-ହମାସ ମିଡିଏଟର୍

ପଶ୍ଚିମ ଏସିଆ ଶାନ୍ତି ଆଲୋଚନା ଲକ୍ଷ୍ୟରେ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ମଧ୍ୟସ୍ଥତା କାର୍ଯ୍ୟକୁ କାତାର ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛି । ଦୁଇପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ଆଗକୁ ବଢ଼ିପାରୁ ନାହିଁ ବୋଲି କାତାର କହିଛି । ଦୋହାରେ ହମାସ୍‌ର ରାଜନୈତିକ କାର୍ଯ୍ୟାଳୟ ରହିଥିବାବେଳେ ଦୁଇ ପକ୍ଷ ମଧ୍ୟରେ ଉପସାଗରୀୟ ରାଷ୍ଟ୍ର ଏବଂ ଇଜିପ୍ଟ ମଧ୍ୟସ୍ଥତା କରୁଛି ବୋଲି କାତାର ସୂଚନା ଦେଇଛି । ଅନ୍ୟପକ୍ଷରେ ଗାଜାରେ ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ଲାଗି ପାଲେଷ୍ଟାଇନ୍ ସଙ୍ଗଠନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଆମେରିକାର ବରିଷ୍ଠ ଅଧିକାରୀ କାତାରରେ ହମାସ୍ ପ୍ରତିନିଧିଙ୍କ ଉପସ୍ଥିତିକୁ ଗ୍ରହଣ କରାଯିବ ନାହିଁ ବୋଲି ଘୋଷଣା କରିଛନ୍ତି । ଏହିସବୁ ପରିସ୍ଥିତିକୁ ଦୃଷ୍ଟିରେ ରଖି କାତାର ମଧ୍ୟସ୍ଥତା କାର୍ଯ୍ୟକୁ ବର୍ତ୍ତମାନପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଛି । କାତାରର ଏହି ନିଷ୍ପତ୍ତି ପଶ୍ଚିମ ଏସିଆରେ ଶାନ୍ତି ପ୍ରୟାସକୁ ପ୍ରଭାବିତ କରିପାରେ ।

## କାନାଡ଼ା - ଭିସା

କାନାଡ଼ା ଷ୍ଟୁଡେଣ୍ଟସ୍ ଡାଇରେକ୍ଟ ଷ୍ଟ୍ରିମ୍ - ଏସ୍.ଡି.ଏସ୍. ଭିସା କାର୍ଯ୍ୟକ୍ରମକୁ ବନ୍ଦ୍ କରିବାକୁ ଘୋଷଣା କରିଛି । କାନାଡ଼ାରେ ଅଧ୍ୟୟନପାଇଁ

ଅନୁମତି ଲୋଡ଼ୁଥିବା ଆନ୍ତର୍ଜାତିକ ଛାତ୍ରଛାତ୍ରୀଙ୍କ ପାଇଁ ଏହା ହେଉଛି ଏକ ପ୍ରମୁଖ ମାର୍ଗ । ଏହାର ସୁଦୂରପ୍ରସାରୀ ପ୍ରଭାବ ଭାରତୀୟ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିବାର ଆଶଙ୍କା ଦେଖାଦେଇଛି । ଆବାସ ଅଭାବ ଏବଂ ସମ୍ବଳ ଚାପକୁ ଦୂର କରିବାପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କାନାଡ଼ା ସରକାର ସୂଚନା ଦେଇଛନ୍ତି । ୨୦୧୮ ମସିହାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ୧୪ଟି ଦେଶର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ଅଧନୀରେ ସୁବିଧା ପାଉଥିଲେ । ସେହି ଦେଶଗୁଡ଼ିକ ମଧ୍ୟରେ ଭାରତ, ବ୍ରାଜିଲ୍, ଚୀନ୍, କଲମ୍ବିଆ, କୋଷ୍ଟାରିକା, ମରକୋ, ପାକିସ୍ତାନ, ପେରୁ, ଫିଲିପାଇନ୍ସ ଏବଂ ଭିଏତ୍‌ନାମ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମ ଅଧୀନରେ ଶୀଘ୍ର ଆବେଦନ ପ୍ରକ୍ରିୟା ସହ କାନାଡ଼ାର ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖାପାଇଁ ପ୍ରବେଶ ସମ୍ଭବ ହୋଇପାରୁଥିଲା । ତେବେ କାନାଡ଼ା ସରକାର ଏକ ବିବୃତ୍ତିରେ କହିଛନ୍ତି, କାର୍ଯ୍ୟକ୍ରମର ସଚ୍ଚୋଟତାକୁ ସୁଦୃଢ଼ କରିବା ସହ ସବୁ ଛାତ୍ରଛାତ୍ରୀଙ୍କୁ ଆବେଦନ ପ୍ରକ୍ରିୟାରେ ସମାନ ଏବଂ ନିରପେକ୍ଷ ସୁବିଧା ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି ।

## କ୍ରିକେଟ୍ - ଇଣ୍ଡିଆ-ସାଉଥ୍ ଆଫ୍ରିକା

ଭାରତ-ଦକ୍ଷିଣ ଆଫ୍ରିକା ୪ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଗବେହା'ର ସେଣ୍ଟ ଜର୍ଜ ପାର୍କ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ଖେଳାଯିବ ।

ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତ ଶୁକ୍ରବାର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଭାରତ ଦକ୍ଷିଣ ଆଫ୍ରିକାକୁ ୬୧ ରନ୍‌ରେ ପରାସ୍ତ କରିଥିଲା । ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ବୁଧବାର ଦିନ ସେଞ୍ଚୁରିଆନ୍ ଏବଂ ଚତୁର୍ଥ ମ୍ୟାଚ୍ ଶୁକ୍ରବାର ଜୋହାନ୍ସବର୍ଗଠାରେ ଖେଳାଯିବ । ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ଆଇଡେନ୍ ମାର୍କ୍ରାମ୍ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଅଛନ୍ତି ।

## ଏସିଆନ୍ ହକି ଟ୍ରଫି

ମହିଳା ଏସିଆନ୍ ହକି ଚାମ୍ପିୟନ୍‌ସିପ ଟ୍ରଫି-୨୦୨୪ ଆସନ୍ତାକାଲିଠାରୁ ବିହାରର ରାଜଗିରଠାରେ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହି ଆନ୍ତର୍ଜାତିକ ଟୁର୍ଣ୍ଣମେଣ୍ଟକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମେତ ୬ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ଅନ୍ୟ ଦେଶଗୁଡ଼ିକ ହେଉଛି ଚୀନ, ଜାପାନ, ମାଲେସିଆ, ଥାଇଲାଣ୍ଡ ଏବଂ କୋରିଆ । ରାଜଗିରରେ ନୂତନ ଭାବେ ନିର୍ମିତ ହକି ଷ୍ଟାଡିୟମ୍‌ଠାରେ ସମସ୍ତ ମ୍ୟାଚ୍ ଖେଳାଯିବ । ଉଦ୍‌ଘାଟନୀ

ମ୍ୟାଚ୍ ଆସନ୍ତାକାଲି ଅପରାହ୍ଣ ୧୨ଟା ୧୫ରେ ଜାପାନ୍ ଏବଂ କୋରିଆ ମଧ୍ୟରେ ଖେଳାଯିବ ।

ଏସିଆନ୍ ହକି ଫେଡେରେସନ୍ ଏବଂ ହକି ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଶୀଘ୍ର ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି । ରାତିରେ ଫ୍ଲଡ୍ ଲାଇଟ୍‌ରେ ପୋକଙ୍କ ଯୋଗୁଁ ମ୍ୟାଚ୍ ଖେଳାଯିବାରେ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଆୟୋଜକ ସୂଚନା ଦେଇଛନ୍ତି ।

## ଟେବୁଲ୍ ଟେନିସ୍

ଇଟାଲୀର ଲିଗ୍‌ନାନୋ ସାବିଆଡୋରୋଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ବାଳିକା ଓ୍ୱାର୍ଲଡ୍ ଟେବୁଲ୍ ଟେନିସ୍ ଯୁବ ପ୍ରତିଯୋଗିତାରେ ଭାରତର ସିଣ୍ଡ୍ରେଲା ଦାସ ଟାଇଟଲ୍ ହାସଲ କରିଛନ୍ତି । ଏକକ ବର୍ଗର ଫାଇନାଲ୍ ମ୍ୟାଚ୍‌ରେ ସିଣ୍ଡ୍ରେଲା ଭାରତର ଅନ୍ୟତମ ପ୍ରତିଯୋଗୀ ଦିବ୍ୟାଂଶୀ ଭୌମିକ୍‌ଙ୍କୁ ୩୦୨ ସେଟ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି ।

*****